# ଓଡିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*****

## ସାମାଜିକ ପ୍ରଭାବ ନିର୍ଧାରଣ ନିମନ୍ତେ ଘୋଷଣା

**No.RDM-LAB-RGD-0011-2021- 6700 /RDM, date 06 MAR 2024**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ର ଧାରା ୮, ଅଧିନିୟମ ୨ ଅନୁସାରେ ରାୟଗଡ଼ ଜିଲ୍ଲାର ୦୧(ଏକ) ଗୋଟି ଗ୍ରାମ-ଆନଯୋଡି ରେ ମୋଟ **ଏ.୪.୬୭୩** ଜାଗା/ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବେଦାନ୍ତ ଆଲୁମିନିୟମ ର 'Y' ଆକୃତି ର ରେଳପଥ ପ୍ରକଳ୍ପ ନିମନ୍ତେ ମୁଖ୍ୟ ସାଧାରଣ ପରିଚାଳକ (ଜମି), IDCO, Bhubaneswar ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବାରୁ ନିମ୍ନ ସୂଚିତ 'କ' ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ ରାୟଗଡ଼ା ଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତି ନିଆଗଲା ।

୧. ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ କରାଯାଇଥିବା ପ୍ରସ୍ତାବିତ ଆବଶ୍ୟକ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥ ଅଟେ ।

୨. ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

୩.ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି ।

୪. ଏହି ପ୍ରକଳ୍ପ ନିମନ୍ତେ ପୂର୍ବରୁ କୌଣସି ଜମି ଅଧିଗ୍ରହଣ ହୋଇନାହିଁ ।

୫. ଉକ୍ତ ପ୍ରକଳ୍ପରେ ଏହି ଗ୍ରାମ ରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତିବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

୬. ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ। କ୍ଷତିଗ୍ରସ୍ତ ଲୋକଙ୍କୁ ଭୂ-ଅର୍ଜନ ଆଇନ ୨୦୧୩ ଏବଂ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ମୁତାବକ ଜମି, ବୃକ୍ଷ, ନଳକୂପ ଇତ୍ୟାଦିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ ।

୭. ଯେହେତୁ ଉକ୍ତ ଗ୍ରାମ ଦେଇ ଯାଉଥିବା ରେଳ ପ୍ରକଳ୍ପ ଦ୍ୱାରା ଗାଁ ର କିଛି ଗଛ ଏବଂ କୃଷକଙ୍କ ଫଳ ପ୍ରଦାନ କରୁଥିବା ଗଛ ନଷ୍ଟ ହଉଛି,ଏହି ସମସ୍ୟା କୁ ଦୃଷ୍ଟି ରେ ରଖି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଖୋଲା ଜମି ରେ ସଡକ ପାର୍ଶ୍ୱରେ ଅଧିକ ଗଛ ଲଗେଇବାକୁ ରେଳ କତୃପକ୍ଷ ଙ୍କୁ ପରାମର୍ଶ ଦିଆଯାଇଅଛି।

କ୍ରମଶଃ......

୮. ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସର୍ବସାଧାରଣ ଙ୍କ ଯାତାୟାତର ସୁବିଧା ଏବଂ ଚାଷ ଜମି ର ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଓଭରବ୍ରିଜ, ଅଣ୍ଡର ଗ୍ରାଉଣ୍ଡ ବ୍ରିଜ, ଗାଡ଼ୱାଲ ଏବଂ ଡ୍ରେନେଜ ନିର୍ମାଣ କରାଯିବା ପାଇଁ ରେଳ ବିଭାଗ କର୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବେ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ଵାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠି ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା୧୧, ଅଧିନିୟମ ୧ ରେ ଅଧିସୂଚନା ପାଇଁ ପ୍ରୟୋଜନ କରାଯିବ ।

ତଫସିଲ – କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- ରାୟଗଡ଼ା

| କ୍ରମିକ ନଂ | ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|---|---|
| ୧ | **ଆନଯୋଡି** | ମୁନିଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୩.୯୩୦ | **ଏ. ୪.୭୭୩** | ଏଥି ସହିତ ସଂଲଗ୍ନ |
| | | | | ମୋଟ | | | ଏ.୧୩.୯୩୦ | **ଏ. ୪.୭୭୩** | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି।

ରାଜ୍ୟପାଳଙ୍କ ଆଦେଶକ୍ରମେ

ନୃସିଂହ ୨/୮/୨୦୨୪

(ନୃସିଂହ ଚରଣ ସ୍ୱାଇଁ)

ସ୍ୱତନ୍ତ୍ର ଶାସନ ସଚିବ

କ୍ରମଶଃ.......

Memo No. 6701 /R&DM, dated 06 MAR 2024

Copy along with copy of the SIA Declaration and Land Schedule and C.D. forwarded to the Director, Printing Stationary, Odisha, Cuttack for information and necessary action. He is requested to publish the SIA Declaration in the next issue of the Odisha Gazettee as this a statutory one within 15 days without fail and supply 05 copies of this said Gazette to Collector, Rayagada / Commerce & Transport(Transport) Department / Industry Department / Revenue & DM Department/ Secretary to RDC(SD), Berhampur / Spl.LAO, Rayagada/ LAO-cum-Tahasildar, Rayagada.

SRO number may be allotted to this publication.

6.3.2024

Under Secretary to Government

Memo No. 6702 /R&DM, dated 06 MAR 2024

Copy forwarded to Commerce & Transport (Transport) Department,(Kharavel Bhawan), Bhubaneswar, Odisha / Industry Department, (Kharavel Bhawan), Bhubaneswar for information and necessary action.

6.3.2024

Under Secretary to Government

Memo No. 6703 /R&DM, dated 06 MAR 2024

Copy forwarded to RDC (SD), Berhampur / Collector, Rayagada / LAO, Rayagada (Y- connection Railway line to M/s Vedanta Aluminium Ltd. Lanjigarh), Rayagada / Chief General Manager Land, IDCO, Bhubaneswar / Land Officer, IDCO, Bhubaneswar for information and necessary action .

6.3.2024

Under Secretary to Government

Memo No. 6704 /R&DM, dated 06 MAR 2024

Copy forwarded to State Coordinator, Nabakrushna Choudhury Centre for Development Studies (NCDS), Bhubaneswar for information and necessary action.

6.3.2024

Under Secretary to Government

Memo No. 6705 /R&DM, dated 06 MAR 2024

Copy forwarded to e-Governance Branch of this Department with a request to upload the SIA Declaration in this Department website for information of General Public.

6.3.2024

Under Secretary to Government

## ଭୂମି ଅଧିଗ୍ରହଣ ଅନୁସୂଚୀ

**ମୌଜା-ଆନଯୋଡି (ଗ୍ରାମାଞ୍ଚଳ), ତହସିଲ-ମୁନିଗୁଡା, ଥାନା-ଆମ୍ବାଦୋଳା, ଥାନା ନଂ. ୧୪୮ ଜିଲ୍ଲା-ରାୟଗଡା**

**Y– ସଂଯୋଗ ରେଳପଥ ପ୍ରକଳ୍ପ ନିମନ୍ତେ**

| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ<br>ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୨ | | ଡଙ୍ଗର ୨ | ୧୨୨ | ୧.୪୦୦ | ୦.୯୫୩ | ତୁଲୁ ବେରେକା ଚନ୍ଦୁ , ତୁଲୁ ବେରେକା ବାଜି , ପି- ତୁଲୁ ବେରେକା ବାଟୀଜାନୀ , ଜାତି-କନ୍ଧ,ବା- ନିଜଗାଁ |
| | | ଡଙ୍ଗର ୩ | ୧୬୪ | ୦.୬୬୦ | ୦.୩୮୮ | |
| | | ଡଙ୍ଗର ୨ | ୧୬୬ | ୦.୮୭୦ | ୦.୨୩୬ | |
| ୩ | | ଧାନ ୩ | ୧୨୦ | ୦.୨୨୦ | ୦.୦୭୩ | ଚୈତନ୍ୟ ତୁଲୁ ବେରେକା,ପି- ତୁଲୁ ବେରେକା ଜିତୁ ,ଜାତି - କନ୍ଧ ,ବା - ନିଜଗାଁ |
| | | ଡଙ୍ଗର ୧ | ୧୨୧ | ୦.୨୮୦ | ୦.୦୮୦ | |
| | | ଡଙ୍ଗର ୨ | ୧୨୩ | ୧.୯୫୦ | ୦.୧୦୭ | |
| ୫ | | ଡଙ୍ଗର ୨ | ୧ | ୧.୬୨୦ | ୦.୬୨୦ | ତୁଲୁ ବେରେକା ସୁନାଧର , ତୁଲୁ ବେରେକା ଡୋଙ୍ଗି , ତୁଲୁ ବେରେକା ଟୋଙ୍ଗି ,ପି- ତୁଲୁ ବେରେକା ଡୋଲି, ତୁଲୁ ବେରେକା ଚୈତନ୍ୟ ପି - ତୁଲୁ ବେରେକା ଜିତୁ ,ଜାତି -କନ୍ଧ, ବା -ନିଜଗାଁ |
| | | ଡଙ୍ଗର ୨ | ୧୧୭ | ୦.୯୭୦ | ୦.୪୭୩ | |
| | | ଧାନ ୩ | ୧୧୯ | ୦.୪୬୦ | ୦.୩୫୦ | |
| ୭ | | ଡଙ୍ଗର ୨ | ୧୩୪ | ୩.୧୭୦ | ୦.୦୩୩ | ବାସୁଦେବ ବାରିକ ,ପି -କାଲି ମାଝୀ ,ଜାତି -ଡମ୍ବ ,ବା ଆମ୍ବାଦୋଳା |
| ୯ | | ଡଙ୍ଗର ୨ | ୧୧୮ | ୦.୩୦୦ | ୦.୧୪୧ | ତୁଲୁ ବେରେକା ଲେଞ୍ଜା ପି - ତୁଲୁ ବେରେକା ବୁଡ଼ି ,ଜାତି -କନ୍ଧ |
| ୯/୩ | | ଧାନ ୩ | ୧୧୬ | ୦.୬୩୦ | ୦.୫୩୦ | ଚୈତନ୍ୟ ତୁଲୁ ବ୍ରେକା,ପି -ଓତ୍ରୁରୁ ତୁଲ ବ୍ରେକା ,ସୁନାଧର ତୁଲା ବ୍ରେକା,ପି-ଉଲା ତୁଲ ବ୍ରେକା,ଜା -କନ୍ଧ ,ବା- ନିଜଗାଁ |
| ୯/୮ | | ଧାନ ୨ | ୧୨୬ | ୦.୨୮୦ | ୦.୦୫୦ | ତ୍ରିକୁ ତୁଲ ବେରକା ,ପି-ବୁଟୀ ତୁଲା ବେରେକା ,ଜାତି-କନ୍ଧ ,ବା-ନିଜଗାଁ |
| | | ଡଙ୍ଗର ୨ | ୧୧୪ | ୦.୬୮୦ | ୦.୩୫୬ | |
| ୯/୯ | | ଡଙ୍ଗର ୩ | ୧୧୩ | ୦.୪୪୦ | ୦.୨୭୩ | ବୁଦୁରା ତୁଲ ବେରେକା ,ପି- ବୁଟୀ ତୁଲା ବେରେକା ,ଜାତି-କନ୍ଧ ,ବା-ନିଜଗାଁ |
| ମୋଟ | | | | ୧୩.୯୩୦ | ୪.୬୬୩ | |

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,<br>
ଜିଲ୍ଲା-ରାୟଗଡା